TPWODL
TP WESTERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

# ଖର୍ଚ୍ଚ ଅଳ୍ପ , ଲାଭ ଅଧିକ

## ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା - ୟୁଏଲ୍ଏ ମଡେଲ

### ବାରମ୍ବାର ପଚରାଯାଉଥିବା ପ୍ରଶ୍ନ

ପ୍ରଶ୍ନ- କେଉଁମାନେ ଏହି ଯୋଜନା ପ୍ରତି ଯୋଗ୍ୟ ଅଟନ୍ତି ?

ଉତ୍ତର- ଘରୋଇ ବିଦ୍ୟୁତ୍ ଉପଭୋକ୍ତା ଯେଉଁମାନେ ୧ କିଲୋୱାଟ୍‌ର କଣ୍ଟ୍ରାକ୍ଟ ଡିମାଣ୍ଡ ନେଇଛନ୍ତି ।

ପ୍ରଶ୍ନ- ୧ କିଲୋୱାଟ୍‌ର ସୌର ପ୍ୟାନେଲ ସ୍ଥାପନ ପାଇଁ ମତେ କେତେ ଟଙ୍କା ଦେବାକୁ ହେବ ?

ଉତ୍ତର- ମାତ୍ର ୫୦୦୦ + ଜେନେରେସନ ମିଟର ଚାର୍ଜ ।

ପ୍ରଶ୍ନ- ରୁଫ୍‌ଟପ୍ ସୋଲାର ସ୍ଥାପନ ପାଇଁ କେତେ ସ୍ଥାନ ଦରକାର ?

ଉତ୍ତର- ୧୦୦ ବର୍ଗ ଫୁଟ ଛାଇ ପଡୁନଥିବା ଛାତ ଉପରେ ସ୍ଥାନ ଦରକାର ।

ପ୍ରଶ୍ନ- ଏହାକୁ କିଏ ସ୍ଥାପନ କରିବ ?

ଉତ୍ତର- ଆପଣଙ୍କ ଅଞ୍ଚଳର ବିଦ୍ୟୁତ୍ ବିତରକ କମ୍ପାନୀ (ଟିପି ଓଡ଼ିଶା ଡିସକମ୍) ସ୍ଥାପନ କରିବ ।

ପ୍ରଶ୍ନ- ଏହାର ରକ୍ଷଣାବେକ୍ଷଣ କେମିତି ହେବ ?

ଉତ୍ତର- ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମାଗଣା ରକ୍ଷଣାବେକ୍ଷଣ ସହିତ ଏହା ସ୍ଥାପନ ହେବ ।

ପ୍ରଶ୍ନ- ଏହି ସୌର ପ୍ୟାନେଲ ସ୍ଥାପନରୁ କେତେ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହେବ ?

ଉତ୍ତର- ଅନୁକୂଳ ପରିବେଶରେ ମାସକୁ ହାରାହାରି ୧୦୦ ୟୁନିଟ୍ ବିଜୁଳି ଉତ୍ପାଦିତ ହୋଇପାରିବ ।

ପ୍ରଶ୍ନ- ଏହି ସୋଲାର ପ୍ୟାନେଲ କେତେ ବର୍ଷ କାର୍ଯ୍ୟକ୍ଷମ ହେବ ?

ଉତ୍ତର- ପାଖାପାଖି ୨୫ ବର୍ଷ ।

ପ୍ରଶ୍ନ- କୌଣସି ଅସୁବିଧା ହେଲେ କାହାକୁ ଯୋଗାଯୋଗ କରାଯିବ ?

ଉତ୍ତର- ଟିପି ଓଡ଼ିଶା ଡିସକମ୍ ଗ୍ରାହକ ସମ୍ପର୍କ କେନ୍ଦ୍ର ବା ନିକଟବର୍ତ୍ତୀ ବିଦ୍ୟୁତ୍ କାର୍ଯ୍ୟାଳୟରେ ଯୋଗାଯୋଗ କରିବେ ।

ପ୍ରଶ୍ନ- ମୋ ଘର ଛାତ କିପରି ହୋଇଥିବା ଦରକାର ?

ଉତ୍ତର- ପକ୍କା ଘର ହୋଇଥିବା ଦରକାର ।

ପ୍ରଶ୍ନ- ମୁଁ ଯଦି ଛାତ ଉପରେ ଭବିଷ୍ୟତରେ ଘର କରିବି, ତେବେ କଣ ହେବ ?

ଉତ୍ତର- ତଳ ମହଲା ଛାତରୁ ଉପର ମହଲା ଛାତକୁ ଏହାକୁ ସ୍ଥାନାନ୍ତରିତ କରାଯାଇ ପାରିବ ।

ପ୍ରଶ୍ନ- ଏହା ବସାଇବା ପାଇଁ ରାଜମିସ୍ତ୍ରୀ ଦ୍ୱାରା କିଛି କାମ କରାଇବାକୁ ପଡିବ କି ?

ଉତ୍ତର- ନା, ଆପଣଙ୍କୁ ରାଜମିସ୍ତ୍ରୀ ଦ୍ୱାରା କିଛି କାମ କରାଇବାକୁ ପଡିବ ନାହିଁ ।

ପ୍ରଶ୍ନ- କାଳବୈଶାଖୀ ସମୟରେ ଏହା କ୍ଷତିଗ୍ରସ୍ତ ହୋଇପାରେ କି ?

ଉତ୍ତର- ୧୮୦ କିଲୋମିଟର ପ୍ରତିଘଣ୍ଟା ପବନରେ ମଧ୍ୟ ଛାତ ଉପରେ ବସାଯାଇଥିବା ସୋଲାର ପ୍ୟାନେଲର କୌଣସି କ୍ଷତି ହେବ ନାହିଁ ।

**ଅଧିକ ବିବରଣୀ ପାଇଁ ୧୮୦୦-୩୪୫୬-୭୯୮ ରେ କଲ୍ କରନ୍ତୁ ।**

*ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ